# ତହସିଲଦାରଙ୍କ ଅଦାଲତ, ରେଙ୍ଗାଲି, ଜିଲ୍ଲା-ସମ୍ବଲପୁର

ସଂରକ୍ଷଣ ବିମୋଚନ ମୋକଦ୍ଦମା ନଂ. ୧୬ /୨୦୨୫

## ସର୍ବସାଧାରଣ ଘୋଷଣା

ନୋଟିସ ନଂ. ୧୧୮୦ ତାରିଖ: ୧୮.୧୦.୨୦୨୫

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମୌଜା – ଲପଙ୍ଗା ଅନ୍ତର୍ଗତ ନିମ୍ନ ସୂଚୀତ ସରକାରୀ ଜମିକୁ ସାଧାରଣ Dy. General manager, (Elect) EHT(C) Divsion, OPTCL, Jharsuguda, 400/220/132/33 KV Grid Sub-Station ନିର୍ମାଣ ନିମନ୍ତେ ଲିଜ ପାଇଁ ଅତ୍ର କାର୍ଯାଳୟରେ ଦରଖାସ୍ତ ଦାଖଲ କରିଛନ୍ତି ଓ ତତ ଅନୁସାରେ ପଦକ୍ଷେପ ନିଆଯିବ । ଆବେଦନ କରାଯାଇଥିବା ନିମ୍ନ ତଫସିଲ ଭୁକ୍ତ ଜମି ସରକାରୀ "ରକ୍ଷିତ" ଖାତାରେ କିସମ "ଗୋଚର"ଓ "ବସ୍ତି" ରେକର୍ଡ ଥିବାରୁ ଉକ୍ତ ଜମିକୁ ଆବେଦନକାରୀଙ୍କ ନାମରେ ହସ୍ତାନ୍ତର କରିବା ପାଇଁ ସଂରକ୍ଷଣ ବିମୋଚନ ତଥା କିସମ ପରିବର୍ତନ ର ଆବଶ୍ୟକ ପଡୁଅଛି ଓ ତତ ଅନୁଯାଇ ପଦକ୍ଷେପ ନିଆ ଯିବ ।

ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର କିଛି ଆପତ୍ତି ଅଭିଯୋଗ ଥାଏ ତାହାହେଲେ ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର)ଦିନ ଭିତରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯାଳୟରେ ଲିଖିତ ଆକାରରେ ଟ. ୨୦/- କୋର୍ଟ ଫି ସହିତ ଅଭିଯୋଗ ଦେବାପାଇଁ ଅନୁରୋଧ କରାଯାଉଅଛି । ମିଆଦ ଗତେ କୌଣସି ଦାବୀ ବା ଅଭିଯୋଗ ଗ୍ରହଣୀୟ ହେବନାହିଁ ।

### ତଫସିଲ ଭୁକ୍ତ ଜମି

| ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ପ୍ରସ୍ତାବିତ ରକବା | କିସମ |
|---|---|---|---|---|
| ଲପଙ୍ଗା | ୩୭୦ (ରକ୍ଷିତ) | ୧୩୯୫/୩୧୭୫ | ୦.୨୫ | ବସ୍ତି |
| | | ୧୩୯୫/୨୮୪୬ | ୦.୨୪ | ଗୋଚର |
| ମୋଟ | ୧ ଖାତା | ୨ ପ୍ଲଟ | ୦.୪୯ | |

ତହସିଲଦାର,ରେଙ୍ଗାଲି
ତହସିଲଦାର,
ରେଙ୍ଗାଲି, ସମ୍ବଲପୁର

ଜ୍ଞାପକ ସଂଖ୍ୟା ୧୧୮୧ ତା: ୧୮.୧୦.୨୦୨୫

ଏହାର ଏକ କିତା ନକଲ ସଂପୃକ୍ତ ଗ୍ରାମର ମଧ୍ୟସ୍ଥଳିରେ ଜାରିକରିବା ପାଇଁ ଓ ରାଜସ୍ୱ ନିରୀକ୍ଷକ ଲପଙ୍ଗାଙ୍କ କାର୍ଯାଳୟ / ଗ୍ରାମ ପଞ୍ଚାୟତ ଖିଣ୍ଡା ଏବଂ ତହସିଲ କାର୍ଯାଳୟର ନୋଟିସ ବୋର୍ଡରେ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ଇ-ଗଭର୍ଣ୍ଣନ୍ସ ପରିଚାଳକସମ୍ବଲପୁରଙ୍କ ଅବଗତି ତଥା ବିହିତ କାର୍ଯାନୁଷ୍ଠାନ ଏବଂ , ଏହାର ବହୁଳ ପ୍ରସାର ନିମନ୍ତେ ପ୍ରେରଣା କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତାହାର କୁ ସମ୍ବଲପୁର ଜିଲ୍ଲା ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ ।

ତହସିଲଦାର,ରେଙ୍ଗାଲି
ତହସିଲଦାର,
ରେଙ୍ଗାଲି, ସମ୍ବଲପୁର